**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**9 October – 2024**

# ସୁଭଦ୍ରା ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାରିପଦାରେ ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଥମ କିସ୍ତିର ସହାୟତା ରାଶି ପ୍ରଦାନ କରିବେ। ୩୫ ଲକ୍ଷ ହିତାଧିକାରୀଙ୍କୁ ୧ହଜାର ୭୫୦ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯିବ। ସୂଚନା ଅନୁସାରେ ଗତ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ । ସେହିଦିନ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ପ୍ରଥମ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନ କରାଯାଇଥିଲା ।

# ବିର୍ସାମୁଣ୍ଡା ଜୟନ୍ତୀ

ମହାନ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସାମୁଣ୍ଡାଙ୍କର ୧୫୦ତମ ଜୟନ୍ତୀକୁ ରାଜ୍ୟ ସରକାର ଚତୁର୍ଥ ଜନଜାତୀୟ ଗୌରବ ଦିବସ ଭାବେ ରାଜ୍ୟସ୍ତରରେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଚଳିତବର୍ଷ ନଭେମ୍ବର ମାସ ୧୫ ତାରିଖରୁ ୨୦୨୫ ମସିହା ନଭେମ୍ବର ମାସ ୧୫ ତାରିଖ ପର୍ଯ୍ୟନ୍ତ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳନ କରାଯିବ ବୋଲି ନିଷ୍ପତ୍ତି

ହୋଇଛି । ସମାରୋହର ଉଦ୍‌ଘାଟନୀ ଉତ୍ସବ ରାଉରକେଲା ଠାରେ ଅନୁଷ୍ଠିତ ହେବ ।

## ସ୍ୱତନ୍ତ୍ର ଅଦାଲତ

ରାଜ୍ୟର ସମସ୍ତ ଜିଲ୍ଲାରେ ବନ୍ୟପ୍ରାଣୀ ଅପରାଧ ସଂପର୍କିତ ମାମଲାର ତ୍ୱରିତ ଶୁଣାଣି ପାଇଁ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ହେବ । ଏହି ସଂପର୍କରେ ହାଇକୋର୍ଟଙ୍କ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ଆଇନ ବିଭାଗର ସଚିବଙ୍କୁ ପତ୍ର ଲେଖାଯାଇଛି । ପ୍ରତି ଜିଲ୍ଲା ପାଇଁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଏବଂ ଜଣେ ଅତିରିକ୍ତ ମାଜିଷ୍ଟ୍ରେଟ୍‌ଙ୍କୁ ମାମଲାର ସମାଧାନ ପାଇଁ ନିଯୁକ୍ତ କରାଯାଇଛି ।  ସରକାରୀ ତଥ୍ୟ ଅନୁସାରେ ଗତ ୧୦ବର୍ଷ ମଧ୍ୟରେ ୨ହଜାର ୮ଶହ ଅଣସ୍ତୁରୀଟି ବନ୍ୟପ୍ରାଣୀ ହତ୍ୟା ଓ ତସ୍କରୀ ମାମଲାରେ ୬ ହଜାର ୯୬୦ ଜଣ ଗିରଫ କରାଯାଇଛି ।

## ଗ୍ରାଚୁଇଟି

ରାଜ୍ୟ ସରକାର କର୍ମଚାରୀମାନଙ୍କ ପାଇଁ ଗ୍ରାଚୁଇଟିର ସୀମା ୧୫ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ସରକାରୀ କର୍ମଚାରୀମାନଙ୍କ ବର୍ଦ୍ଧିତ ଗ୍ରାଚୁଇଟି ସୀମାକୁ ୨୦୨୪ ଜାନୁଆରୀ ୧ ତାରିଖରୁ ପିଛିଲା ଭାବେ ଲାଗୁ କରାଯାଇଛି ।

## ଆଳୁ ବିହନ

କୃଷି ବିଭାଗ ତରଫରୁ ଚାଷୀମାନଙ୍କୁ ଉନ୍ନତମାନର ଆଳୁ ବିହନ ଆସନ୍ତା ନଭେମ୍ବର ମାସ ସୁଦ୍ଧା ଯୋଗାଇ ଦିଆଯିବ । ସୂଚନା ଅନୁସାରେ ୩୦ଟି ଜିଲ୍ଲାକୁ ୧ଲକ୍ଷ ୮୦ ହଜାର ୫୫୭ କ୍ୱିଣ୍ଟାଲ ଆଳୁ ବିହନ ଯୋଗାଇ ଦିଆଯିବ । ଦଶହରା ପରେ ଚାଷୀମାନଙ୍କୁ ଆଳୁ ବିହନ ଯୋଗାଣ ପ୍ରକ୍ରିୟା ଆରମ୍ଭ ହେବ । ରାଜ୍ୟର କେତେକ ଜିଲ୍ଲାରେ ଆଳୁ ବିହନ ପହଞ୍ଚି ସାରିଥିବା ନେଇ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କୁହାଯାଇଛି ।

## ଡେଙ୍ଗୁ ପରୀକ୍ଷଣ

ରାଜ୍ୟରେ ଡେଙ୍ଗୁ ପରୀକ୍ଷଣ ବୃଦ୍ଧି କରିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ୭ଶହଟି ଏନ.ଏସ୍.-ଓ୍ୱାନ୍ ଏଲିସା କିଟ୍ ପଠାଯାଇଛି । କିଟ୍ ଗୁଡ଼ିକରୁ ୭୦ହଜାରରୁ ଅଧିକ ଡେଙ୍ଗୁ ପରୀକ୍ଷା କରାଯାଇ ପାରିବ । ଜନସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ରାଜ୍ୟରେ ଗତକାଲି ସୁଦ୍ଧା ୭ ହଜାର ୫୧୮ ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୧ ହଜାର ୩୭୦ ଜଣ ଡେଙ୍ଗୁରୋଗୀ ଥିବା ଜଣାପଡ଼ିଛି ।

## ପଞ୍ଚୁକ

ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ କାର୍ତ୍ତିକ ମାସ ବ୍ରତର ନୀତିକାନ୍ତି ନେଇ ନୀତି ନିର୍ଘଣ୍ଟ ନିର୍ଦ୍ଧାରିତ ହୋଇଛି । ହବିଷ୍ୟାଳି ଏବଂ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ, ପଞ୍ଚୁକ ସମୟରେ ଭିଡ଼ ନିୟନ୍ତ୍ରଣ ଉପରେ

ବୈଠକରେ ଆଲୋଚନା ହୋଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ତ୍ତିକ ମାସରେ ରାତି ୧୨ଟାରେ ଶ୍ରୀଜୀଉଙ୍କ ପହୁଡ଼ ସଂପନ୍ନ ହୋଇ ରାତି ୪ଟାରେ ଦ୍ୱାର ଫିଟାଯିବା ନେଇ ନିଷ୍ପତ୍ତି ହୋଇଛି । ଆଶ୍ୱିନ ଶୁକ୍ଳ ଏକାଦଶୀ ଅର୍ଥାତ୍ ଆସନ୍ତା ୧୪ ତାରିଖଠାରୁ ଶ୍ରୀମନ୍ଦିରରେ କାର୍ତ୍ତିକ ମାସ ବାଲଧୂପ ନୀତି ଆରମ୍ଭ ହେବ । ଚଳିତବର୍ଷ ପଞ୍ଚୁକ ୪ ଦିନ ପାଳନ କରାଯିବ । ଫଳରେ ପଞ୍ଚୁକ ସମୟରେ ମହାପ୍ରଭୁଙ୍କର ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହେବନାହିଁ । ପଞ୍ଚୁକର ଶେଷଦିନ ଅର୍ଥାତ୍ ନଭେମ୍ବର ୧୫ତାରିଖରେ ମହାପ୍ରଭୁଙ୍କର ସୁନାବେଶ ଅନୁଷ୍ଠିତ ହେବା ନେଇ ନୀତି ନିର୍ଘଣ୍ଟ ହୋଇଛି ।

---

## ନବରାତ୍ରୀ ପୂଜା

ଜଗତ୍‌ଜନନୀ ମା' ଦୁର୍ଗାଙ୍କର ଆଜି ଷଷ୍ଠୀ ପୂଜା ଅନୁଷ୍ଠିତ ହେଉଛି। ଦଶହରା ପାଇଁ ଭୁବନେଶ୍ୱର-କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ କଟକରେ କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଚଳିତବର୍ଷ ଭୁବନେଶ୍ୱରରେ ୧୮୭ଟି ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବେ । କଟକରେ ୧୬୬ଟି ମେଢ଼ ନିର୍ମାଣ କରାଯାଇଛି ।

କଟକ ସହରରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଆଜି ଅପରାହ୍ଣ ୪ଟାରୁ ଟ୍ରାଫିକ୍ କଟକଣା ଲାଗୁ କରାଯିବ ।

---

## ବୋନ୍ ବ୍ୟାଙ୍କ

କଟକ ଏସ୍‌ସିବି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବୋନ୍ ବ୍ୟାଙ୍କ୍‌ର ଶୁଭାରମ୍ଭ କରିଛନ୍ତି । ଏହା ସହିତ ଅସ୍ଥିଶଲ୍ୟ ଦକ୍ଷତା ପ୍ରୟୋଗଶାଳା କେନ୍ଦ୍ରର ମଧ୍ୟ ଲୋକାର୍ପଣ ହୋଇଛି । ବୋନ୍‌ବ୍ୟାଙ୍କରେ ହାଡ଼ଗୁଡ଼ିକୁ ସଂରକ୍ଷିତ ରଖାଯିବା ସହ ପରବର୍ତ୍ତୀ ସମୟରେ ରୋଗୀଙ୍କ ଦେହରେ ପ୍ରତିରୋପଣ କରାଯିବ ।

## ଗୋପବନ୍ଧୁ ଜୟନ୍ତୀ

ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାମ୍ବାଦିକ, କବି, ଲେଖକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଜି ଜୟନ୍ତୀ ପାଳନ କରାଯାଉଛି । ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ । ପଣ୍ଡିତ ଗୋପବନ୍ଧୁ ଥିଲେ ଆଧୁନିକ ଯୁଗର ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ । ଦେଶସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ କରାଯାଇଥିଲା । ରାଜ୍ୟସ୍ତରୀୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଜୟନ୍ତୀ ଆଜି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ । ବାଚସ୍ପତି ସୁରମା ପାଢ଼ୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବେ ବୋଲି ସୂଚନା ଓ ଲୋକସଂପର୍କ ବିଭାଗ  ପକ୍ଷରୁ କୁହାଯାଇଛି ।